**REGIONAL NEWS UNIT, AIR CUTTACK**

# Evening Bulletin (6.45 PM)

**07th August - 2024**

**News Editor : *Tapan Kumar Maharana***

**************************************

## ମୁଖ୍ୟ ସମ୍ବାଦ

- ଓଡ଼ିଶା ସମେତ ୯ଟି ରାଜ୍ୟର ୧୨ଟି ରାଜ୍ୟସଭା ଆସନ ପାଇଁ ଘୋଷଣା ହେଲା ଉପନିର୍ବାଚନ ତାରିଖ ।

- ରାଜ୍ୟରେ ଜାତୀୟ ରାଜପଥର ବିକାଶ ଓ ପରିଚାଳନାପାଇଁ ଗତ ୫ ବର୍ଷ ମଧ୍ୟରେ କେନ୍ଦ୍ର ସରକାର ଖର୍ଚ୍ଚ କରିଛନ୍ତି ପ୍ରାୟ ୨୫ ହଜାର କୋଟି ଟଙ୍କା ।

- ପୂର୍ବରୁ ଲାଗୁ ହୋଇଥିବା ଫାଇଭ୍-ଟି ଚାର୍ଟର ଓ ମୋ ସରକାରକୁ ନିଷିଦ୍ଧ କଲେ ରାଜ୍ୟ ସରକାର ।

ଏବଂ

- ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ ପ୍ରଭାବରେ ଆସନ୍ତାକାଲି ପର୍ଯ୍ୟନ୍ତ ରାଜ୍ୟରେ ଲାଗି ରହିବ ବର୍ଷା ।

*Desk*

# ରାଜ୍ୟସଭା - ଉପନିର୍ବାଚନ

ରାଜ୍ୟସଭାରେ ଖାଲି ପଡିଥିବା ୯ଟି ରାଜ୍ୟର ୧୨ଟି ଆସନ ପାଇଁ ଉପନିର୍ବାଚନ ଆସନ୍ତା ସେପ୍ଟେମ୍ବର ମାସ ୩ ତାରିଖରେ ଅନୁଷ୍ଠିତ ହେବ। ଓଡ଼ିଶାର ମମତା ମହାନ୍ତ ରାଜ୍ୟସଭାରୁ ଇସ୍ତଫା ଦେବା ପରେ ଏହି ଆସନ ପାଇଁ ମଧ୍ୟ ଉପନିର୍ବାଚନ ହେବ। ଏନେଇ ନିର୍ବାଚନ କମିଶନଙ୍କ ପକ୍ଷରୁ ଆଜି ଘୋଷଣା କରାଯାଇଛି । ଆସନ୍ତା ୧୪ ତାରିଖରେ ଏ ସଂକ୍ରାନ୍ତରେ ବିଜ୍ଞପ୍ତି ପ୍ରକାଶ ପାଇବ । ନାମାଙ୍କନର ଶେଷ ତାରିଖ ୨୧ ଅଗଷ୍ଟ ରଖାଯାଇଥିବାବେଳେ ୨୨ ତାରିଖରେ ସେଗୁଡ଼ିକର ଯାଞ୍ଚ୍ କରାଯିବ । ତେବେ ଆସାମ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଓ ତ୍ରିପୁରା ସକାଶେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ଶେଷ ତାରିଖ ଅଗଷ୍ଟ ମାସ ୨୬ ତାରିଖ ରଖାଯାଇଥିବାବେଳେ ବିହାର, ହରିୟାଣା, ରାଜସ୍ଥାନ, ତେଲଙ୍ଗାନା  ଏବଂ ଓଡ଼ିଶା ପାଇଁ ୨୭ ତାରିଖ ରଖାଯାଇଛି ।

*Desk*

# ରାଜପଥ ବିକାଶ

ରାଜ୍ୟରେ ଜାତୀୟ ରାଜପଥର ବିକାଶ ଏବଂ ପରିଚାଳନା ନିମନ୍ତେ ଗତ ୫ ବର୍ଷରେ ୨୪ ହଜାର ୮୦୫ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା କେନ୍ଦ୍ର

ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ କହିଛନ୍ତି । ଆଜି ରାଜ୍ୟସଭାରେ ସାଂସଦ ଦେବାଶିଷ ସାମନ୍ତରାୟଙ୍କ ଏ ସମ୍ପର୍କିତ ପ୍ରଶ୍ନର ଉତ୍ତରରେ ଶ୍ରୀ ଗଡ଼କରୀ କହିଛନ୍ତି, ଓଡ଼ିଶାରେ ଜାତୀୟ ରାଜପଥ ବିକାଶ କ୍ଷେତ୍ରରେ ଘଟୁଥିବା ବିଳମ୍ବପାଇଁ ଅନେକ କାରଣ ଦାୟୀ । ସେ କହିଛନ୍ତି, ଠିକ୍ ସମୟରେ ଜମି ଅଧିଗ୍ରହଣ ନ ହେବା, ଜଙ୍ଗଲ ଓ ପରିବେଶ ବିଭାଗର ଅନୁମତି ନ ମିଳିବା, ପ୍ରାକ୍ ନିର୍ମାଣ କାର୍ଯ୍ୟରେ ବିଳମ୍ବ ଯୋଗୁଁ ଅନେକ ରାଜପଥ ପ୍ରକଳ୍ପ ବିଳମ୍ବ ହୋଇଛି । ସେ ପୁଣି କହିଛନ୍ତି, କଟକ-ସମ୍ବଲପୁର ଜାତୀୟ ରାଜପଥ ପ୍ରକଳ୍ପ କୋଭିଡ୍ ଯୋଗୁଁ ପ୍ରାଥମିକ ଭାବେ ବିଳମ୍ବ ଘଟିବା ପରେ ଜମି ଅଧିଗ୍ରହଣ ଏବଂ ସମ୍ପୃକ୍ତ ବିଭାଗଗୁଡ଼ିକରୁ ଅନୁମତି ନ ମିଳିବା ଯୋଗୁଁ ବିଳମ୍ବ ଘଟିଛି । ମନ୍ତ୍ରୀ ଶ୍ରୀ ଗଡ଼କରୀ ଏ ସମ୍ପର୍କରେ ବିସ୍ତୃତ ସୂଚନା ଦେଇ କହିଛନ୍ତି, କଟକ-ଅନୁଗୁଳ ୫୯ ଦଶମିକ ୮ କିଲୋମିଟର ଦୀର୍ଘ ଜାତୀୟ ରାଜପଥର ଚାରି ଲେନ୍ ବିଶିଷ୍ଟ ନିର୍ମାଣ ପାଇଁ ୧ ହଜାର ୧୦୮ କୋଟି ୬୨ ଲକ୍ଷ ଟଙ୍କାର ବ୍ୟୟ ବରାଦ ମଧ୍ୟରୁ ଏପର୍ଯ୍ୟନ୍ତ ୯୧୯ କୋଟି ୪୧ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ସେହି ରାଜପଥର ୫୧ ଦଶମିକ ୮ କିଲୋମିଟର ଅଂଶପାଇଁ ୧ ହଜାର ୧୦୯ କୋଟି ୮୦ ଲକ୍ଷ ଟଙ୍କା ମଧ୍ୟରୁ ୮୪୦ କୋଟି ୯ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି । ସେହିପରି ଅନୁଗୁଳ-ସମ୍ବଲପୁର ଚାରି ଲେନ୍‌ବିଶିଷ୍ଟ ୧୫୦ ଦଶମିକ ୮/୬ କିଲୋମିଟର ସଡ଼କପାଇଁ ବ୍ୟୟ ବରାଦ ହୋଇଥିବା ୨ ହଜାର ୫୧୪ କୋଟି ୭ ଲକ୍ଷରୁ ଏପର୍ଯ୍ୟନ୍ତ ଖର୍ଚ୍ଚ ହୋଇଛି ୨ ହଜାର ୨୨୧ କୋଟି ୮୯ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ମନ୍ତ୍ରୀ କହିଛନ୍ତି ।

# ଆଇ.ସି.ଏମ୍.ଆର୍. - ସ୍ୱାସ୍ଥ୍ୟ ଗବେଷଣା

ଭାରତୀୟ ଚିକିତ୍ସା ଗବେଷଣା ପରିଷଦ - ଆଇସିଏମ୍ଆର୍ ପକ୍ଷରୁ ଜାତୀୟ ସ୍ୱାସ୍ଥ୍ୟ ଗବେଷଣା ପ୍ରାଥମିକତା ପ୍ରକଳ୍ପରେ ପୁରୀ ଜିଲ୍ଲାକୁ ଅନ୍ତର୍ଭୁକ୍ତ କରାଯାଇଛି। ଦେଶର ୫ଟି ଜିଲ୍ଲା ମଧ୍ୟରେ ପୁରୀ ଜିଲ୍ଲା ସ୍ଥାନ ପାଇଛି । ଏହି ପ୍ରକଳ୍ପ ଅଧୀନରେ ଅତ୍ୟାଧୁନିକ ଜରୁରୀକାଳୀନ ଚିକିତ୍ସା ବ୍ୟବସ୍ଥା ସହିତ ଉଚ୍ଚମାନର ରୋଗୀସେବା ପ୍ରଦାନ କରିବାପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡାକ୍ତର ଆଶୁତୋଷ ବିଶ୍ୱାସ କହିଛନ୍ତି।

ଏହି ପ୍ରକ୍ରିୟାରେ ସ୍ୱାସ୍ଥ୍ୟସେବା ପ୍ରଦାନକାରୀମାନଙ୍କ ଦକ୍ଷତା ବୃଦ୍ଧି, ସୂଚନା ପ୍ରଯୁକ୍ତି ବିଦ୍ୟା ଏବଂ କୃତ୍ରିମ ବୁଦ୍ଧିମତା ସମ୍ପନ୍ନ ଉପକରଣ ବ୍ୟବହାର ଏବଂ ମ୍ୟାପିଂ ଦ୍ୱାରା ଜରୁରୀକାଳୀନ ସେବା ବୃଦ୍ଧି କରାଯିବ। ଏହି ପ୍ରକଳ୍ପ ଦ୍ୱାରା ହୃଦଘାତ, ମସ୍ତିଷ୍କ ଆଘାତ, ଟ୍ରମା, ସାପ କାମୁଡ଼ା, ବିଷକ୍ରିୟା, ଶ୍ୱାସକ୍ରିୟା ଭଳି ଜରୁରୀକାଳୀନ ପରିସ୍ଥିତି ଏବଂ ନବଜାତ ଶିଶୁ ଓ ମାତୃ ସମ୍ବନ୍ଧୀୟ ଜରୁରୀକାଳୀନ ପରିସ୍ଥିତିକୁ ସମାଧାନ କରାଯିବ ବୋଲି ଡାକ୍ତର ବିଶ୍ୱାସ କହିଛନ୍ତି।

# ହସ୍ତତନ୍ତ ଦିବସ

ସ୍ୱଦେଶୀ ଆନ୍ଦୋଳନର ସ୍ମୃତିରେ ଆଜି ଦେଶରେ ଜାତୀୟ ହସ୍ତତନ୍ତ ଦିବସ ପାଳନ କରାଯାଉଛି। ହସ୍ତତନ୍ତକୁ ପ୍ରୋତ୍ସାହନ ଦେବା ଓ ସ୍ୱଦେଶୀ ବସ୍ତ୍ରକୁ ଲୋକପ୍ରିୟ କରିବାପାଇଁ କେନ୍ଦ୍ର ସରକାର ୨୦୧୫ ମସିହାରୁ ଜାତୀୟ ହସ୍ତତନ୍ତ ଦିବସ ପାଳନ କରୁଛନ୍ତି । ଏହି ଅବସରରେ ବୟନିକା, ଉତ୍କଳିକା, ସମ୍ବଲପୁରୀ ବସ୍ତ୍ରାଳୟ ଏବଂ ଅମ୍ଳାନ'ରେ ହାତବୁଣା ପୋଷାକ ଉପରେ ସ୍ୱତନ୍ତ୍ର ରିହାତି ଆଜିଠାରୁ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ମିଳିପାରିବ।

ଦଶମ ଜାତୀୟ ହସ୍ତତନ୍ତ ଦିବସ ପାଳନ ଅବସରରେ ଆଜି **ପ୍ରଧାନମନ୍ତ୍ରୀ** ନରେନ୍ଦ୍ର ମୋଦୀ ଦେଶରେ ହସ୍ତତନ୍ତର ଏକ ମହାନ୍ ପରମ୍ପରା ଓ ଐତିହ୍ୟ ରହିଛି ବୋଲି କହିଛନ୍ତି। ସାମାଜିକ ଗଣମାଧ୍ୟମରେ ସେ 'ଭୋକାଲ୍ ଫର ଲୋକାଲ୍' ବିଷୟକୁ ଦୋହରାଇବା ସହ ବୁଣାକାରମାନଙ୍କ ପ୍ରଚେଷ୍ଟାକୁ ଉଚ୍ଚପ୍ରଶଂସା କରିଛନ୍ତି।

ସେହିପରି ଦେଶ ଓ ରାଜ୍ୟର ବୁଣାକାରମାନଙ୍କୁ **ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଓଡ଼ିଶାର ହସ୍ତତନ୍ତ' ଐତିହ୍ୟ, କଳା, ପରମ୍ପରା ଓ ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଙ୍ଗ ବୋଲି ସେ କହିଛନ୍ତି। ବୁଣାକାରମାନଙ୍କ ସାମାଜିକ ତଥା ଅର୍ଥନୈତିକ ଉନ୍ନତି ନିମନ୍ତେ ରାଜ୍ୟ ସରକାର ବିଭିନ୍ନ କଲ୍ୟାଣମୂଳକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ଆକାଶବାଣୀ କଟକ କେନ୍ଦ୍ର ପକ୍ଷରୁ ଜାତୀୟ ହସ୍ତତନ୍ତ ଦିବସ ପାଳନ କରାଯାଇଛି । କାର୍ଯ୍ୟକ୍ରମ ମୁଖ୍ୟ ସୁମିତ୍ରା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଓଡ଼ିଶା ସମେତ ଦେଶର ଅନ୍ୟାନ୍ୟ ଅଞ୍ଚଳର ହସ୍ତତନ୍ତ କାରିଗରମାନଙ୍କଦ୍ୱାରା ପ୍ରସ୍ତୁତ ବସ୍ତ୍ର ସମ୍ପର୍କରେ ଆଲୋଚନା କରାଯାଇଥିଲା । ଆକାଶବାଣୀର ମହିଳା କର୍ମକର୍ତ୍ତାମାନେ ଓଡ଼ିଶା ପ୍ରସ୍ତୁତ ହସ୍ତତନ୍ତ ଶାଢ଼ୀ ଓ ପୋଷାକ ପରିଧାନ କରିଥିଲେ । ଜନସାଧାରଣଙ୍କ ମଧ୍ୟରେ ହସ୍ତତନ୍ତ ବସ୍ତ୍ର ପରିଧାନ ନିମିତ୍ତ ଆଗ୍ରହ ସୃଷ୍ଟି କରିବାପାଇଁ କାର୍ଯ୍ୟକ୍ରମରେ ଆଲୋକପାତ କରାଯାଇଥିଲା ।

***Desk***

## ୫ଟି ଚାର୍ଟର୍

ରାଜ୍ୟର ସବୁ ବର୍ଗର କର୍ମଚାରୀଙ୍କ ଗୁପ୍ତ ଚରିତ୍ର ପଞ୍ଜିକା - ସି.ସି.ଆର୍.ରୁ 5T ଚାର୍ଟର ଓ ମୋ ସରକାରକୁ ହଟାଇ ଦେବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି । ଏବେ ଏହାର କୌଣସି ଆବଶ୍ୟକତା ନ ଥିବା ଦର୍ଶାଇ ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି । ଏନେଇ ଆଜି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସମସ୍ତ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ, କମିଶନର୍ ତଥା ଶାସନ ସଚିବ, ସମସ୍ତ ବିଭାଗୀୟ ମୁଖ୍ୟ କାର୍ଯାଳୟ, ରାଜସ୍ୱ ଡିଭିଜନାଲ ଆୟୁକ୍ତ ଓ ଜିଲ୍ଲାପାଳମାନଙ୍କୁ ଚିଠି କରାଯାଇଛି ।

*Desk*

# ବନକଲାଗି ନୀତି

**ପୁରୀ** ଶ୍ରୀମନ୍ଦିରରେ ଆଜି ଶ୍ରାବଣ ଶୁକ୍ଳପକ୍ଷ ତୃତୀୟା ତିଥିରେ ଶ୍ରୀଜିଉମାନଙ୍କର ବନକଲାଗି ନୀତି ଅନୁଷ୍ଠିତ ହେଉଛି। ଦ୍ୱିତୀୟ ଭୋଗମଣ୍ଡପ ନୀତି ଶେଷ ହେବା ପରେ ଅପରାହ୍ଣ ୫ଟାରୁ ରାତି ୯ଟା ପର୍ଯ୍ୟନ୍ତ ବନକଲାଗି ନୀତି ଚାଲିଥିବାରୁ ସର୍ବସାଧାରଣ ଦର୍ଶନ ବନ୍ଦ ରହିଛି। ବନକଲାଗି ପରେ ଶ୍ରୀଜୀଉଙ୍କର ମହାସ୍ନାନ ନୀତି ଅନୁଷ୍ଠିତ ହେବ। ଏହାପରେ ସର୍ବସାଧାରଣ ଦର୍ଶନ ହେବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ବନକଲାଗି ହେଉଛି ଶ୍ରୀଜିଉମାନଙ୍କର ଶ୍ରୀମୁଖ ସିଂହାର। ଏହାଦ୍ୱାରା ଶ୍ରୀଜିଉମାନଙ୍କର ଅପୂର୍ବ ଶୋଭାବର୍ଦ୍ଧନ ହୋଇଥାଏ।

*Desk*

# ଜଳସେଚନ ପ୍ରକଳ୍ପ ପୁନରୁଦ୍ଧାର

ରାଜ୍ୟ ସରକାର ଅଚଳ ଉଠାଜଳସେଚନ ପ୍ରକଳ୍ପର ପୁନରୁଦ୍ଧାର ସହ ପୁରୁଣା ସଚଳ ପ୍ରକଳ୍ପର ସୁଦୃଢ଼ୀକରଣ ଯୋଜନା'କୁ ଆଉ ୫ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ୨୦୨୪-୨୫ ରୁ ୨୦୨୮-୨୯ ଆର୍ଥିକବର୍ଷ ପର୍ଯ୍ୟନ୍ତ ଏହି ଯୋଜନାକୁ ବୃଦ୍ଧି କରାଯାଇଛି। ଏଥିପାଇଁ ସରକାର ୧ ହଜାର ୮୪ କୋଟି ୩୮ ଲକ୍ଷ ଟଙ୍କା ବ୍ୟୟବରାଦ କରିଛନ୍ତି। ଜଳସମ୍ପଦ ବିଭାଗର ସୂଚନା

ଅନୁସାରେ, ଅଚଳ ତଥା ଅବ୍ୟବହୃତ ହୋଇ ପଡ଼ିଥିବା ୨ ହଜାର ୬୫ଟି ପ୍ରକଳ୍ପର ପୁନରୁଦ୍ଧାର କରାଯାଇ ୫୯ ହଜାର ୨୯୨ ହେକ୍ଟର ଚାଷଜମିକୁ ପୁନଃଜଳସେଚନ କରାଯିବ। ସେହିପରି ବହୁଦିନରୁ ବ୍ୟବହୃତ ହୋଇଆସୁଥିବା ୧୦ ହଜାର ୧୫୨ଟି ଉଠାଜଳସେଚନ ପ୍ରକଳ୍ପର ସୁଦୃଢ଼ୀକରଣ ମଧ୍ୟ କରାଯିବ। ଏହାଦ୍ୱାରା ୨ ଲକ୍ଷ ୨୬ ହଜାର ୮୮୬ ହେକ୍ଟର ଜମିକୁ ନିରବଚ୍ଛିନ୍ନ ଭାବରେ ଜଳଯୋଗାଣ ସହିତ ଅଚଳ ପ୍ରକଳ୍ପର ସଂଖ୍ୟା ହ୍ରାସ ପାଇବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ଚଳିତ ଆର୍ଥିକବର୍ଷରେ ଅଚଳ ଥିବା ୧ ହଜାର ଉଠାଜଳସେଚନ ପ୍ରକଳ୍ପକୁ ସଚଳ କରାଯିବାକୁ ଜଳ ସମ୍ପଦ ବିଭାଗ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି।

*Nayagarh, Boudh/R*

## ଯୋଗାଯୋଗ ବିଚ୍ଛିନ୍ନ

ଲଗାଣ ବର୍ଷା ଯୋଗୁଁ ନୟାଗଡ଼ ଜିଲ୍ଲା ଭାପୁର-କଳାପଥର ବାଇପାସ୍ ରାସ୍ତାର କାଳିଗିରି ନଦୀ ଉପରେ ୪ ଫୁଟ୍‌ର ବନ୍ୟାଜଳ ପ୍ରବାହିତ ହେଉଥିବାରୁ ସମ୍ପୃକ୍ତ ଅଞ୍ଚଳରେ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି । ତେଣୁ ଭାପୁର ବ୍ଲକ୍‌ର ସଦର ମହକୁମାରୁ ଭୁବନେଶ୍ୱର, ଖୋର୍ଦ୍ଧା, କଟକ, ପୁରୀ, ବାଙ୍କିକୁ ଯାତାୟତ ବାଧାପ୍ରାପ୍ତ ହୋଇଛି । ସେହପରି ଭାପୁର ବ୍ଲକ୍‌ର ବାଇଗିଣିଆଠାରୁ ବାଘୁଆପଲ୍ଲୀ ରାସ୍ତା ଉପରେ ୩ ଫୁଟ ଉଚ୍ଚର ବନ୍ୟାଜଳ

ପ୍ରବାହିତ ହେଉଥିବାରୁ ଭାପୁର ବ୍ଲକ୍ ବାଇଗିଣିଆରୁ ବାଘୁଆପଲ୍ଲୀ, ଭଗବାନପୁର, ଭୀମପଡ଼ା ପଞ୍ଚାୟତକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି ।

ସେହିଭଳି ବୌଦ୍ଧ ଜିଲ୍ଲାର ବିଭିନ୍ନ ନଦୀରେ ବନ୍ୟାଜଳ ବୃଦ୍ଧି ପାଇ ବିଭିନ୍ନ ରାସ୍ତା ଉପରେ ଜଳ ପ୍ରବାହିତ ହେଉଥିବାରୁ କଣ୍ଟାମାଳ ବ୍ଲକ୍‌ର ଆମ୍ବଗାଁ ଓ ନଣ୍ଡାବାହାଲକୁ ଏବଂ ହରଭଙ୍ଗା ବ୍ଲକ୍‌ର ବୌଦ୍ଧ-ହରଭଙ୍ଗା ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ବୌଦ୍ଧ ଜିଲ୍ଲା ଗତ ୨୪ ଘଣ୍ଟା ମଧ୍ୟରେ ୧୦୪ ଦଶମିକ ୩ ମିଲିମିଟର ବର୍ଷା ରେକର୍ଡ଼ କରାଯାଇଛି ।

***Bhadrak/R***

## ସ୍ତନ୍ୟପାନ ସପ୍ତାହ ଉଦ୍‌ଯାପିତ

ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ଉଦଯାପିତ ହୋଇଯାଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ଭଦ୍ରକ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରଭାତ କୁମାର ବେହେରାଙ୍କ ସମେତ ଅନ୍ୟମାନେ ଯୋଗଦେଇ ଶିଶୁର ଉତ୍ତମ ସ୍ୱାସ୍ଥ୍ୟପାଇଁ ମା' କ୍ଷୀର ଉପାଦେୟ ବୋଲି କହିଛନ୍ତି ।

*Boudh/R*

# ଏନର୍ଜି କ୍ଲବ୍

ବୌଦ୍ଧ ଜିଲ୍ଲା ମୁଣ୍ଡିପଦର ହାଇସ୍କୁଲ୍‌ଠାରେ ଜିଲ୍ଲାସ୍ତରୀୟ ଏନର୍ଜି କ୍ଲବ୍ ଦକ୍ଷତା ବୃଦ୍ଧି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଭିନ୍ନ ଶକ୍ତିର ବ୍ୟବହାର ଓ ସଂରକ୍ଷଣ ସମ୍ପର୍କରେ ଆଲୋଚନା କରାଯାଇଥିଲା । କର୍ମଶାଳାରେ ସମସ୍ତ ହାଇସ୍କୁଲ୍‌ର ପ୍ରଧାନ ଶିକ୍ଷକ ଓ ଏନର୍ଜି କ୍ଲବ୍‌ର ଭାରପ୍ରାପ୍ତ ଶିକ୍ଷକମାନେ ଯୋଗ ଦେଇଥିଲେ ।

*HS*

# ପାଣିପାଗ

ଗାଙ୍ଗେୟ ପଶ୍ଚିମବଙ୍ଗ ଏବଂ ଏହାର ସଂଲଗ୍ନ ବାଂଲାଦେଶରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଲଘୁଚାପରେ ପରିଣତ ହେବ ବୋଲି ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି ।

ଏହାର ପ୍ରଭାବରେ ଆସନ୍ତାକାଲି ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ଅତି ପ୍ରବଳ ବର୍ଷା ହେବ। ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ଦେବଗଡ଼, କୋରାପୁଟ ଓ ନବରଙ୍ଗପୁର ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି । ସେହିପରି ମାଲକାନଗିରି, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର, କଟକ, ଢେଙ୍କାନାଳ, ଅନୁଗୁଳ, ବୌଦ୍ଧ, କନ୍ଧମାଳ,

କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗିର ଓ ସୁବର୍ଣ୍ଣପୁ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ।

*****